# NATIONAL NEWS BULLETIN (ODIA)
## 7 April - 2024
## Morning Bulletin : 7.15 A.M.

**********************************

## ମୁଖ୍ୟ ସମ୍ବାଦ

- ବିଜେପିର ବରିଷ୍ଠ ନେତା ପ୍ରଧାନମନ୍ତ୍ରୀ ଆଜି ଦଳ ପକ୍ଷରୁ ମଧ୍ୟପ୍ରଦେଶ ଏବଂ ବିହାରରେ ନିର୍ବାଚନ ପ୍ରଚାର କରିବେ ।
- ତେଲେଙ୍ଗାନାର ଠୁକୁଗୁଡାଠାରେ କଂଗ୍ରେସ ଦଳ ପକ୍ଷରୁ ଏକ ବିରାଟ ଜନଯାତ୍ରା ସମାରୋହ ଗତ ସଂଧ୍ୟାରେ ଆୟୋଜିତ ହୋଇଛି ।
- କୁଏତଠାରେ ନୂତନ ସଂସଦ ଗଠନ ପରିପ୍ରେକ୍ଷୀରେ  ପ୍ରଧାନମନ୍ତ୍ରୀ ଶେଖ୍ ମହମ୍ମଦ ସବା ଅଲ୍ ସାଲେମ୍ ଅଲ୍-ସବା ଗତକାଲି ଇସ୍ତଫା ପ୍ରଦାନ କରିଛନ୍ତି ।
- ବାତ୍ୟା କ୍ୟାଥଲିନ୍ ପ୍ରଭାବରେ ଗତକାଲି ଇଂଲଣ୍ଡରେ ୧୨ଟିରୁ ଅଧିକ ବିମାନ ଉଡାଣକୁ ବାତିଲ କରାଯାଇଛି ।

ଏବଂ

- ଆଇପିଏଲ କ୍ରିକେଟରେ ଗତକାଲି ଖେଳାଯାଇଥିବା ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ' ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ୬ ୱିକେଟରେ ପରାସ୍ତ କରିଛି ।

# ପିଏମ୍‌-ମଧ୍ୟପ୍ରଦେଶ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଭାରତୀୟ ଜନତା ପାର୍ଟି ପକ୍ଷରୁ ମଧ୍ୟପ୍ରଦେଶ ଲୋକସଭା ନିର୍ବାଚନ ବେଳେ ପ୍ରଚାରକୁ ତ୍ୱରାନ୍ୱିତ କରିବେ । ଏହି ଅବସରରେ ଜବଲପୁର ନିର୍ବାଚନମଣ୍ଡଳୀରେ ଏକ ରୋଡ୍‌ ଶୋ'ରେ ଅଂଶଗ୍ରହଣ କରିବେ । ଏହି ଶୋଭାଯାତ୍ରା ଆଜି ସଂଧ୍ୟାରେ ସହିଦ ଭଗତ ସିଂହ କ୍ରସିଂରୁ ଆରମ୍ଭ ହୋଇ ଏକକିଲୋମିଟର ପର୍ଯ୍ୟନ୍ତ ଯାଇ ଗୋରଖପୁରର ଆଦି ଶଙ୍କରାଚାର୍ଯ୍ୟ କ୍ରସିଂଠାରେ ଶେଷ ହେବ । ବାଲାଘାଟ ଏବଂ ଜବଲପୁର ନିର୍ବାଚନମଣ୍ଡଳୀ ଗୁଡ଼ିକରେ ଆଦିବାସୀ ଭୋଟରଙ୍କ ସଂଖ୍ୟା ଅଧିକ ରହିଛି ବୋଲି ଜଣାପଡିଛି । ଗତ ୨୦୧୯ ଲୋକସଭା ନିର୍ବାଚନରେ ମଧ୍ୟପ୍ରଦେଶର ୨୯ଟି ଆସନ ମଧ୍ୟରୁ କଂଗ୍ରେସ କେବଳ ଛିନ୍ଦୱାଡା ଆସନରେ ବିଜୟୀ ହୋଇଥିଲା । ଏହି ଲୋକସଭା ଆସନ ଅଧୀନରେ ବାଲାଘାଟ ଜବଲପୁର ନିର୍ବାଚନ ମଣ୍ଡଳୀ ରହିଛି । ଦଳୀୟ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ଆସନ୍ତା ମଙ୍ଗଳବାରଦିନ ପ୍ରଧାନମନ୍ତ୍ରୀ ବାଲାଘାଟଠାରେ ଏକ ଜନସଭାକୁ ସମ୍ବୋଧନ କରିବେ ।

# ବିହାର-ପିଏମ୍ ର୍ୟାଲି

ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ବିହାରର ନୱାଡାରେ ଏକ ନିର୍ବାଚନୀ ରାଲିକୁ ସମ୍ବୋଧନ କରିବେ।  ଏହି ରାଲିରେ ଦଳୀୟ ନେତାଙ୍କ ସହ ଏନଡିଏର ଅନ୍ୟ ସହଯୋଗୀ ଦଳର ସଦସ୍ୟମାନେ ମଧ୍ୟ ଯୋଗଦେବେ।

ସପ୍ତାହକ ମଧ୍ୟରେ ଏହା ହେଉଛି ପ୍ରଧାନମନ୍ତ୍ରୀଙ୍କ ବିହାରରେ ଦ୍ୱିତୀୟ ନିର୍ବାଚନୀ ରାଲି । ଏହା ପୂର୍ବରୁ ଗତ ୪ ତାରିଖରେ ଶ୍ରୀ ମୋଦୀ ଜାମୁଇ ନିର୍ବାଚନ ମଣ୍ଡଳୀରୁ ରାଜ୍ୟରେ ଏନଡିଏର ଲୋକସଭା ନିର୍ବାଚନ ଅଭିଯାନ ଆରମ୍ଭ କରିଥିଲେ । ନୱାଦା ସଂସଦୀୟ କ୍ଷେତ୍ରରୁ ବରିଷ୍ଠ ବିଜେପି ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡକ୍ଟର ସିପି ଠାକୁରଙ୍କ ପୁଅ ବିବେକ ଠାକୁରଙ୍କୁ ପ୍ରାର୍ଥୀ କରିଛି। ନୱାଦାରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

ପ୍ରଥମ ପର୍ଯ୍ୟାୟ ସଂସଦୀୟ ନିର୍ବାଚନ ଅଧୀନରେ ଗୟା, ଔରଙ୍ଗାବାଦ ଏବଂ ଜାମୁଇ ସମେତ ନୱାଦା ଲୋକସଭା ନିର୍ବାଚନ ମଣ୍ଡଳୀରେ ଆସନ୍ତା ୧୯ ତାରିଖରେ ମତଦାନ ହେବ।

# ତେଲେଙ୍ଗାନା ଜନଯାତ୍ରା

ତେଲେଙ୍ଗାନାର ରଙ୍ଗାରେଡ୍ଡୀ ଜିଲ୍ଲା ଅନ୍ତର୍ଗତ ଠୁକୁଗୁଡାଠାରେ କଂଗ୍ରେସ ଦଳ ପକ୍ଷରୁ ନିର୍ବାଚନ ପ୍ରଚାର ସଂକ୍ରାନ୍ତ ଏକ ବିରାଟ ଜନଯାତ୍ରା ସମାରୋହ ଗତ ସଂଧ୍ୟାରେ ଆୟୋଜିତ ହୋଇଛି । ସେଠାରେ ଦଳପକ୍ଷରୁ ତେଲୁଗୁ ଭାଷାରେ ପ୍ରସ୍ତୁତ ଦଳୀୟ ଇସ୍ତାହାରକୁ ଉନ୍ମୋଚନ କରି ରାହୁଲ ଗାନ୍ଧୀ କହିଛନ୍ତି ଗତ ତେଲେଙ୍ଗାନା ବିଧାନସଭା ନିର୍ବାଚନ ଅବସରରେ କଂଗ୍ରେସ ଦେଇଥିବା ପ୍ରତିଶ୍ରୁତିକୁ ପାଳନ କରିଛି । ଦଳ କ୍ଷମତାକୁ ଆସିଲେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ଯୁବବର୍ଗଙ୍କ ପାଇଁ ରୋଜଗାରର ବିଭିନ୍ନ ମାଧ୍ୟମର ସୁଯୋଗ ସୃଷ୍ଟି ହେବ ବୋଲି ସେ କହିଛନ୍ତି । ସେ କହିଛନ୍ତି କଂଗ୍ରେସ ଶାସିତ ତେଲେଙ୍ଗାନାରେ ଇତିମଧ୍ୟରେ ୩୦ହଜାରରୁ ଅଧିକ ଲୋକଙ୍କୁ ନିଯୁକ୍ତି ମିଳିଛି । ବେରୋଜଗାରଙ୍କୁ ବିଭିନ୍ନ କ୍ଷେତ୍ରରେ ତାଲିମ ପ୍ରଦାନ ସହ ବର୍ଷକୁ ୧ଲକ୍ଷ ଟଙ୍କା ଷ୍ଟାଇପେଣ୍ଡ ଆକାରରେ ପ୍ରଦାନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି । ମହିଳାଙ୍କୁ ଆର୍ଥିକ ସହାୟତା ଏବଂ ଦେଶରେ ଜାତିଭିତ୍ତିକ ଜନଗଣନା କରାଯିବା ଉପରେ ସେ ନିଜର ପ୍ରତିଶ୍ରୁତିକୁ ଦୋହରାଇଛନ୍ତି । ଏହି ଅବସରରେ ଚାଷୀଙ୍କୁ ସର୍ବନିମ୍ନ

ସହାୟକ ମୂଲ୍ୟ ପ୍ରଦାନ ସଂକ୍ରାନ୍ତ ଗ୍ୟାରେଣ୍ଟି ଉପରେ ସେ ଆଲୋଚନା କରିଥିଲେ ।

## ଫ୍ଲାଇଟ୍ କ୍ୟାନ୍‌ସଲଡ

ବାତ୍ୟା କ୍ୟାଥଲିନ୍ ପ୍ରଭାବରେ ପ୍ରବଳ ବେଗରେ ପବନ ବହିବା ସହ ଗତକାଲି ଇଂଲଣ୍ଡର ଚଳିତବର୍ଷ ସବୁଠାରୁ ଅଧିକ ଗରମ ଅନୁଭୂତ ହେବା କାରଣରୁ ୧୨ଟିରୁ ଅଧିକ ବିମାନ ଉଡାଣକୁ ବାତିଲ କରାଯାଇଛି । ଫଳରେ ଯାତ୍ରୀମାନେ ଏଡିନବର୍ଗ, ବେଲଫାଷ୍ଟ, ମାଞ୍ଚେଷ୍ଟର ଓ ବର୍ମିଂହାମରେ ଅଟକି ରହିଛନ୍ତି। ଇଂଲଣ୍ଡର ଉତ୍ତର-ପଶ୍ଚିମ ଓ ଦକ୍ଷିଣ-ପଶ୍ଚିମ ଏବଂ ଉତ୍ତର ଆୟର୍ଲାଣ୍ଡ, ସ୍କଟଲ୍ୟାଣ୍ଡ ଏବଂ ୱେଲ୍ସର କେତେକ ଅଞ୍ଚଳରେ ପାଣିପାଗ ବିଭାଗ ୟେଲୋ ୱାର୍ଣ୍ଣିଂ ଜାରି କରିବା ପରେ ବ୍ରିଟେନର ବିମାନ ବନ୍ଦରରୁ ଉଡ଼ାଣ ଏବଂ ବନ୍ଦରକୁ ଆସୁଥିବା ୧୩୦ରୁ ଅଧିକ ବିମାନ ସେବାକୁ ବାତିଲ କରାଯାଇଛି । ବାତ୍ୟା ଯୋଗୁଁ ସମଗ୍ର ବ୍ରିଟେନରେ ବୃଦ୍ଧି ପାଇଥିବା ତାପମାତ୍ରା ଆଜି ମଧ୍ୟ ବଳବତ୍ତର ରହିବ

ବୋଲି ଅନୁମାନ କରାଯାଉଛି । ସ୍କଟଲାଣ୍ଡରେ ବିମାନ ଉଡ଼ାଣ ବ୍ୟତୀତ ରେଳ ଓ ଜଳପଥ ସେବା ମଧ୍ୟ ପ୍ରଭାବିତ ହୋଇଛି ।

## ଆଣ୍ଟି ଗଭ୍ ପ୍ରୋଟେଷ୍ଟ

ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ଇସ୍ତଫା ଦାବି କରିବା ସହ ହମାସ ସହ ଚାଲିଥିବା ଯୁଦ୍ଧକୁ ସମାପ୍ତ କରିବା ଏବଂ ଦେଶରେ ଆଗୁଆ ନିର୍ବାଚନ ଦାବି କରି ଇସ୍ରାଏଲରେ ସରକାର ବିରୋଧୀ ବିକ୍ଷୋଭକାରୀ ରାଜରାସ୍ତାକୁ ଓହ୍ଲାଇଛନ୍ତି । ସେମାନେ ଗତକାଲି ତେଲ୍‌ଅବିବ, ସିଜେରିଆ ଓ ହାଇଫାଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ବିକ୍ଷୋଭକାରୀମାନେ ଇସ୍ରାଏଲ ପତାକା ପ୍ରଦର୍ଶନ କରିବା ସହ ବନ୍ଦୀଙ୍କୁ ମୁକ୍ତ କରିବାକୁ ଦାବି କରି ସେମାନଙ୍କ ଫଟୋଥିବା ପ୍ଲା-କାର୍ଡମାନ ପ୍ରଦର୍ଶନ କରିଥିଲେ । ବିକ୍ଷୋଭକାରୀମାନେ ନେତନ୍ୟାହୁଙ୍କ ଯୁଦ୍ଧ ପରିଚାଳନାକୁ ସମାଲୋଚନା କରିବା ସହ ଗତ ଅକ୍ଟୋବର ୭ ତାରିଖରୁ ଗାଜାରେ ବନ୍ଦୀ ଥିବା ଇସ୍ରାଏଲ ଲୋକଙ୍କୁ ମୁକ୍ତ କରିବାକୁ ଦାବି କରିଛନ୍ତି । ଇସ୍ରାଏଲ ପୋଲିସ ଶୋଭାଯାତ୍ରା ସମୟରେ ରାଜରାସ୍ତାରେ ନିଆଁ ନଜାଳିବାକୁ

ବିକ୍ଷୋଭକାରୀଙ୍କୁ ଚେତାବନୀ ଦେଇଛି । ସୂଚନାଯୋଗ୍ୟ ଚଳିତ ସପ୍ତାହ ପ୍ରାରମ୍ଭରେ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ଇସ୍ତଫା ତଥା ଗାଜାରେ ବନ୍ଦୀ ଥିବା ଲୋକଙ୍କୁ ମୁକ୍ତ କରିବାକୁ ଦାବି କରି ହଜାର ହଜାର ଇସ୍ରାଏଲନାଗରିକ ଜେରୁଜେଲମରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।

## ମେକ୍ସିକୋ-ଇକୁଡାଓର

ଇକ୍ୱେଡର କର୍ତ୍ତୃପକ୍ଷ କ୍ୱିଟୋସ୍ଥିତ ଦୂତାବାସରେ ବଳପୂର୍ବକ ପ୍ରବେଶ କରି ସେଠାରେ ଆଶ୍ରୟ ନେଇଥିବା ପୂର୍ବତନ ଉପରାଷ୍ଟ୍ରପତି ଜର୍ଜ ଗ୍ଲାସଙ୍କୁ ଗିରଫ କରିବା ପରେ ମେକ୍ସିକୋ ଇକ୍ୱେଡର ସହ ସମସ୍ତ ପ୍ରକାର କୂଟନୈତିକ ସମ୍ପର୍କ ସ୍ଥଗିତ ରଖିଛି । ଦୁଇଥର ଦୁର୍ନୀତିର ଦୋଷୀ ସାବ୍ୟସ୍ତ ହୋଇଥିବା ଶ୍ରୀ ଗ୍ଲାସ ଇକ୍ୱେଡର ଅଧିକାରୀଙ୍କ ନିର୍ଯାତନା ଅଭିଯୋଗ କରି ଡିସେମ୍ବର ମାସରୁ ମେକ୍ସିକୋ ଦୂତାବାସରେ ଆଶ୍ରୟ ନେଉଥିଲେ । ମେକ୍ସିକୋର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏକ ବିବୃତି ଜାରି କରି ଶ୍ରୀ ଗ୍ଲାସଙ୍କୁ ରାଜନୈତିକ ଆଶ୍ରୟ ଦେବା ସହ ଇକ୍ୱେଡରକୁ ତାଙ୍କୁ ସୁରକ୍ଷିତ ଭାବେ ଦେଶ ଛାଡ଼ିବାକୁ ଅନୁରୋଧ କରିଛି । ମେକ୍ସିକୋ ରାଷ୍ଟ୍ରପତି ଆନ୍ଦ୍ରେସ୍

ମାନୁଏଲ୍ ଲୋପେଜ୍ ଓବ୍ରାଡୋର ଦୂତାବାସ ଉପରେ ଆକ୍ରମଣ ଏବଂ ଗ୍ଲାସ୍‌ଙ୍କ ଗିରଫଦାରୀକୁ 'ଏକଛତ୍ରବାଦୀ' ଏବଂ 'ଅନ୍ତର୍ଜାତୀୟ ଆଇନର ଉଲ୍ଲଙ୍ଘନ ଏବଂ ମେକ୍ସିକୋର ସାର୍ବଭୌମତ୍ୱ ଉପରେ ଆକ୍ରମଣ ବୋଲି ଅଭିହିତ କରିବା ସହ ଏହାର ନିନ୍ଦା କରିଛନ୍ତି। ମେକ୍ସିକୋର ବୈଦେଶିକ ମନ୍ତ୍ରୀ ଆଲିସିଆ ବାର୍ସେନା ଏହି ଆକ୍ରମଣରେ ମେକ୍ସିକୋର ଏକାଧିକ କୂଟନୀତିଜ୍ଞ ଆହତ ହେବାସହ ଏହା ଭିଏନାଚୁକ୍ତିର ଉଲ୍ଲଙ୍ଘନ ବୋଲି କହିଛନ୍ତି ।

## ୟୁଏନ୍-ଆଫଗାନ ମାଇଗ୍ରାଣ୍ଟସ

ଦକ୍ଷିଣ ଏସିଆରେ ଥିବା ଜାତିସଂଘର ଶରଣାର୍ଥୀ ଉଚ୍ଚାୟୁକ୍ତ (ୟୁଏନଏଚସିଆର) କାର୍ଯ୍ୟାଳୟ କହିଛି ଯେ ଇରାନ ଏବଂ ପାକିସ୍ତାନରେ ଥିବା ଆଫଗାନିସ୍ତାନ ପ୍ରବାସୀଙ୍କୁ ସୁରକ୍ଷା ଏବଂ ସହାୟତା କରିବା ପାଇଁ ୬୨୦ ନିୟୁତ ଆମେରିକୀୟ ଡଲାରର ଆବଶ୍ୟକତା ରହିଛି । ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟରେ କାର୍ଯ୍ୟାଳୟ କହିଛି ଯେ ଚଳିତବର୍ଷ ଆଫଗାନିସ୍ତାନ ଏବଂ ଏହାର ସୀମାବର୍ତ୍ତୀ ଦେଶ ସ୍ଥିତି ଅଧିକ ଆହ୍ୱାନପୂର୍ଣ୍ଣ ରହିବ ।

ୟୁଏନଏଚସିଆର ରିପୋର୍ଟ ଅନୁଯାୟୀ, ଚଳିତବର୍ଷ ୪ ଦଶମିକ ୮ ନିୟୁତ ଆଫଗାନିସ୍ତାନ ପ୍ରବାସୀ ଏବଂ ସେମାନଙ୍କୁ ସହାୟତା ପ୍ରଦାନ କରୁଥିବା ସଂଗଠନର ୨ ଦଶମିକ ୫ ନିୟୁତ ସଦସ୍ୟଙ୍କୁ ସହଯୋଗ ପ୍ରଦାନ କରାଯିବ। ଆଫଗାନିସ୍ତାନରେ ୨୩ ଦଶମିକ ୭ ନିୟୁତ ଲୋକଙ୍କ ବଞ୍ଚିବା ପାଇଁ ମାନବିକ ସହାୟତାର ଜରୁରୀ ଆବଶ୍ୟକତା ବିଶେଷକରି ମହିଳା, ବାଳିକା ତଥା ଧାର୍ମିକ ଓ ଜାତିଗତ ସଂଖ୍ୟାଲଘୁଙ୍କ ଅଧିକାରକୁ ଜାତିସଂଘ ମାନବାଧିକାର ସଂଗଠନ ଏକ ଗମ୍ଭୀର ପରିସ୍ଥିତି ବୋଲି ଦର୍ଶାଇଛି। ଏହି ରିପୋର୍ଟ ଅନୁଯାୟୀ, ଇରାନ ଏବଂ ପାକିସ୍ତାନରେ ପ୍ରାୟ ୭ ଦଶମିକ ୭ ନିୟୁତ ଆଫଗାନ ନାଗରିକ ପ୍ରବାସୀ ଭାବେ ରହିଛନ୍ତି ଏବଂ ସେଥିମଧ୍ୟରୁ ପ୍ରାୟ ୧ ଦଶମିକ ୬ ନିୟୁତ ଲୋକଙ୍କୁ ୨୦୨୧ରୁ ଆଫଗାନିସ୍ତାନରେ ଥଇଥାନ କରାଯାଇଛି । ଇତିମଧ୍ୟରେ ଆମ୍ନେଷ୍ଟି ଇଣ୍ଟରନ୍ୟାସନାଲ ଏବଂ କେତେକ ମାନବାଧିକାର ସଂଗଠନ ପାକିସ୍ତାନରୁ ଆଫଗାନିସ୍ତାନ ପ୍ରବାସୀଙ୍କୁ ବହିଷ୍କାର କରିବା ପଦକ୍ଷେପକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି । ଏହାକୁ ବନ୍ଦ କରିବାକୁ ସେମାନେ ଦାବି କରିଛନ୍ତି। ସୂଚନାଯୋଗ୍ୟ ଗତବର୍ଷ

ନଭେମ୍ବରରୁ ୫୦ ଲକ୍ଷରୁ ଅଧିକ ପ୍ରବାସୀଙ୍କୁ ପାକିସ୍ତାନରୁ ଆଫଗାନିସ୍ତାନକୁ ବଳପୂର୍ବକ ପ୍ରତ୍ୟାବର୍ତ୍ତନ କରାଯାଇଛି ।

## କ୍ୱେତ୍ ପିଏମ୍ ରେଜିନେସନ

କୁଏତ ପ୍ରଧାନମନ୍ତ୍ରୀ ଶେଖ୍ ମହମ୍ମଦ ସବା ଅଲ୍ ସାଲେମ୍ ଅଲ୍-ସବା ଗତକାଲି ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି। ଅମିର ଶେଖ୍ ମିଶାଲ୍ ଅଲ୍-ଅହମ୍ମଦ ଅଲ୍-ଜାବେର୍ ଅଲ୍-ସବାଙ୍କୁ ସେ ତାଙ୍କର ଇସ୍ତଫା ପତ୍ର ପଠାଇଛନ୍ତି। ଗତ ଗୁରୁବାର ନୂଆ ସଂସଦ ଗଠିତ ହେବା ପରେ ସେ ଏହି ପଦକ୍ଷେପ ନେଇଛନ୍ତି । ସେଠାକାର ସମ୍ବିଧାନର ଧାରା ୫୭ ଅନୁଯାୟୀ, ନ୍ୟାସନାଲ ଆସେମ୍ବ୍ଲିର ପ୍ରତ୍ୟେକ ବିଧାନସଭା କାର୍ଯ୍ୟକାଳ ଆରମ୍ଭରେ ଏକ ନୂତନ କ୍ୟାବିନେଟ୍ ଗଠନର ବ୍ୟବସ୍ଥା ରହିଛି, ବର୍ତ୍ତମାନର ସରକାରଙ୍କୁ ନୂତନ ବିଧାନସଭା ଆରମ୍ଭ ପୂର୍ବରୁ ନିଜର ଇସ୍ତଫା ଦାଖଲ କରିବାକୁ ପଡ଼ିବ। ଇସ୍ତଫା ଦେବା ପୂର୍ବରୁ ଗତକାଲି ଏକ ସ୍ୱତନ୍ତ୍ର ବୈଠକରେ କ୍ୟାବିନେଟ ଏକ ଚିଠା ଆଇନକୁ ଅନୁମୋଦନ କରି ୧୮ତମ ବିଧାନସଭାର ପ୍ରଥମ ନିୟମିତ ଅଧିବେଶନ ଆସନ୍ତା ୧୭ରେ ଡାକିବାକୁ

ଆହ୍ୱାନ ଦେଇଛି । ବୈଠକରେ କ୍ୟାବିନେଟ ତରଫରୁ ଅମିରଙ୍କ ନେତୃତ୍ୱ ଏବଂ ସମର୍ଥନ ପାଇଁ କୃତଜ୍ଞତା ଜ୍ଞାପନ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଏହି ଇସ୍ତଫା ସାମ୍ବିଧାନିକ ମାର୍ଗଦର୍ଶିକା ଏବଂ ଗଣତାନ୍ତ୍ରିକ ପ୍ରକ୍ରିୟା ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ନ୍ୟାସନାଲ ଆସେମ୍ବ୍ଲିର ସଦସ୍ୟ ଚୟନ ପାଇଁ କୁଏତର ଭୋଟରମାନେ ଗୁରୁବାର ଭୋଟ୍ ଦେଇଥିଲେ । ଶୁକ୍ରବାରଦିନ ଭୋଟ୍ ଗଣତି ଅନୁଯାୟୀ ୨୦୦ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ଜଣେ ମହିଳାଙ୍କ ସମେତ ୫୦ ଜଣ ପ୍ରତିନିଧିଙ୍କୁ ଚୟନ କରାଯାଇଥିଲା ।

## ଆଇପିଏଲ୍

ଆଇପିଏଲ କ୍ରିକେଟରେ ଗତକାଲି ଖେଳାଯାଇଥିବା ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ’ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ୬ ୱିକେଟରେ ପରାସ୍ତ କରିଛି । ଜୟପୁରର ସବାଇ ମାନସିଂହ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ଟସ୍ ଜିତି ବେଙ୍ଗାଲୁରୁକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ନିର୍ଦ୍ଧାରିତ ୨୦ ଓଭରରେ ବେଙ୍ଗାଲୁରୁ ୩ ୱିକେଟ୍ ବିନିମୟରେ ୧୮୩ରନ୍ ସଂଗ୍ରହ କରିଥିଲା । ଦଳପକ୍ଷରୁ ବିରାଟ କୋହଲି ଚିତ୍ତାକର୍ଷକ ୧୧୩ରନ୍‌ର ପାଳି

ଖେଳିଥିଲେ । ୧୮୪ ରନର ବିଜୟ ଲକ୍ଷ୍ୟକୁ ରାଜସ୍ଥାନ ରୟାଲ୍ସ ୧୯ ଓଭର ଏବଂ ଗୋଟିଏ ବଲ୍‌ରେ ୪ ୱିକେଟ୍ ବିନିମୟରେ ହାସଲ କରିଥିଲା। ରାଜସ୍ଥାନ ରୟାଲ୍ସ ପକ୍ଷରୁ ଜୋସ୍ ବଟଲର ଅପରାଜିତ ୧୦୦ ରନ୍ କରି ମ୍ୟାଚ୍ ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସଞ୍ଜୁ ସାମସନ ମଧ୍ୟ ମୂଲ୍ୟବାନ ୬୯ ରନ୍ କରିଥିଲେ।

ଆଜି ମୁମ୍ବାଇର ୱାଙ୍ଖଡେ ଷ୍ଟାଡିୟମରେ ମୁମ୍ବାଇ ଇଣ୍ଡିଆନ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ପରସ୍ପରକୁ ଭେଟିବେ। ମ୍ୟାଚ୍ ଅପରାହ୍ନ ସାଢ଼େ ୩ଟାରୁ ଆରମ୍ଭ ହେବ। ସେହିପରି ସଂଧ୍ୟା ସାଢ଼େ ୭ଟାରେ ଲକ୍ଷ୍ନୌଠାରେ ଗୁଜରାଟ ଟାଇଟାନ୍ସ ଏବଂ ଲକ୍ଷ୍ନୌ ସୁପର ଜାଏଣ୍ଟସ ମ୍ୟାଚ୍ ଖେଳାଯିବ ।